SPWF




# Women & Child Rights

ଷ୍ଟେଟ୍ ପ୍ରୋଗ୍ରେସିଭ୍ ୱିମେନ୍ସ ଫୋରମ୍

STATE PROGRESSIVE WOMEN'S FORUM

# ଲିଙ୍ଗଗତ ବୈଷମ୍ୟ

ଆମ ସମ୍ବିଧାନ ମହିଳା ଓ ପୁରୁଷମାନଙ୍କୁ ସମାନ ଅଧିକାର ଦେଇଅଛି । ସ୍ତ୍ରୀଟିଏ କୌଣସି ଗୁଣରେ ପୁରୁଷଠାରୁ ନ୍ୟୂନ ନୁହେଁ । ସେ ଅମାପ ଶକ୍ତିର ଅଧିକାରୀ । କିନ୍ତୁ ସାଂପ୍ରତିକ ପୁରୁଷ ପ୍ରାଧାନ୍ୟ ସାମାଜିକ ବ୍ୟବସ୍ଥାରେ ନାରୀର ମୌଳିକ ଓ ସାମ୍ବିଧାନିକ ଅଧିକାର ମିଳିପାରି ନାହିଁ । ମହିଳାମାନେ ବାଲ୍ୟ ବିବାହରେ ସ୍ୱତ୍ୱହୀନ ହେବା ସହ ନାନାବିଧ ନିର୍ଯ୍ୟାତନାର ଶିକାର ହୋଇଥାନ୍ତି । ଏଇ ସମାଜକୃତ ଲିଙ୍ଗଗତ ବୈଷମ୍ୟ ନାରୀକୁ ଅବଳା ଦୁର୍ବଳାର ପରିଚୟ ଦେଇଥାଏ । ଫଳରେ ନାରୀ ଏକ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ ସୁଯୋଗରୁ ବଞ୍ଚିତ ହୋଇଥାଏ । ସାଧାରଣତଃ ଏହା ପ୍ରକୃତିର ଅଭିଶାପ ବୋଲି ବିବେଚନା କରି ମହିଳାମାନେ ନିର୍ବିକାରରେ ସମାଜର ଏହି ଅନ୍ୟାୟକୁ ସହ୍ୟକରି ଆସୁଛନ୍ତି । କିନ୍ତୁ ପ୍ରକୃତ ପକ୍ଷେ ଦେଖିବାକୁ ଗଲେ ଲିଙ୍ଗଗତ ବୈଷମ୍ୟ, ଜାତିଭେଦ ପରି ଏକ କୁସଂସ୍କାର ଯାହାକି ପୁରୁଷ ପ୍ରାଧାନ୍ୟ ମନୋବୃତ୍ତିର ଅନ୍ୟ ଏକ ରୂପ ।

ନାରୀର ଗର୍ଭଧାରଣର କ୍ଷମତା ଅଛି ବୋଲି ସେ ଦୁର୍ବଳା ନୁହେଁ କି ଅନ୍ୟ କୌଣସି ଗୁଣରେ ପୁରୁଷଠାରେ କମ୍ ନୁହେଁ କିମ୍ବା ପୁରୁଷ ଉପରେ ନିର୍ଭରଶୀଳ ନୁହେଁ ଯାହାକି ନାରୀ ଶିକ୍ଷା ଦକ୍ଷତା ବୃଦ୍ଧି ଅବା ନିଯୁକ୍ତି ସୁଯୋଗରେ ବାଧା ସୃଷ୍ଟି କରିବ । ତେଣୁ ନାରୀ ସମାଜର ସାମଗ୍ରିକ ବିକାଶ ନିମନ୍ତେ ଲିଙ୍ଗଗତ ବୈଷମ୍ୟ ସମ୍ବନ୍ଧୀୟ କେତେକ ତଥ୍ୟ ସମ୍ବନ୍ଧରେ ଜାଣନ୍ତୁ:-

## ଲିଙ୍ଗଗତ ପ୍ରାକୃତିକ ଭେଦ:-

- ପୁରୁଷ ସ୍ତ୍ରୀ ଶାରିରୀକ ଭେଦ
- ଏହା ପରିବର୍ତ୍ତନଶୀଳ ନୁହେଁ
- ପ୍ରକୃତିଦତ୍ତ ପୁରୁଷ ସୁଲଭ ଓ ନାରୀ ସୁଲଭ ଆଚରଣ
- ଏହା କେହିପାରେ ଗ୍ରହଣ କରିହୁଏ ନାହିଁ ।

## ସମାଜ ସୃଷ୍ଟ ଲିଙ୍ଗଗତ ପ୍ରଭେଦ :-

ସମାଜ ଦ୍ୱାରା ପରିକଳ୍ପିତ ଲିଙ୍ଗଗତ ଗୁଣ ଓ ଆଚରଣ ଯାହାକି ପ୍ରକୃତିଦତ୍ତ ବୋଲି ବିବେଚିତ । ଯଥା (ପୋଷାକ, କେଶ, ବିନ୍ୟାସ, ଚାଲିଚଳଣ)

- ସମାଜ ସୃଷ୍ଟ ଲିଙ୍ଗଗତ ବୈଷମ୍ୟ ଶାରୀରିକ ନୁହେଁ ।
- ସାମାଜିକ ବ୍ୟବସ୍ଥାରୁ ଗ୍ରହଣୀୟ ।
- ଏହା ପରିବର୍ତ୍ତନଶୀଳ ।
- ଏହା ବିଭିନ୍ନ ଧର୍ମ, ସାଂସ୍କୃତିକ, ପରିବେଶ ତଥା ପରମ୍ପରା ଦ୍ୱାରା ପ୍ରଭାବିତ ହୋଇଥାଏ ।

ଏହା ସମାଜ କୁବ୍ୟବସ୍ଥା ଏକ ବ୍ୟକ୍ତି (ମହିଳା)ର ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଅଧିକାର କ୍ଷୁର୍ଣ୍ଣ କରିଥାଏ ଏବଂ ତାର ବିକାଶରେ ବାଧା ସୃଷ୍ଟି କରିବ । ତେବେ ଏହାର ନିରାକରଣ ପାଇଁ ସମଗ୍ର ନାରୀ ସମାଜକୁ ହିଁ ସଂଗଠିତ ହେବାକୁ ପଡ଼ିବ ଏବଂ ଏହି ଯୁଗାନ୍ତକାରୀ ପରିବର୍ତ୍ତନ ନିମନ୍ତେ କ୍ରମାଗତ ସାଙ୍ଗଠନିକ ଉଦ୍ୟମ ଏକାନ୍ତ ଆବଶ୍ୟକ ।

## ପାରିବାରିକ ହିଂସା :-

### ପାରିବାରିକ ହିଂସା କ'ଣ ?

ସାଧାରଣତଃ ପରିବାର ଭିତରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଶାରୀରିକ, ମାନସିକ, ଯୌନଗତ ତଥା ଆର୍ଥିକ ନିର୍ଯ୍ୟାତନାକୁ ପାରିବାରିକ ହିଂସା ବୋଲି କୁହାଯାଏ ।

### ଏହା କାହିଁକି ହୁଏ ?

ଆମ ପୁରୁଷ ପ୍ରାଧାନ୍ୟ ସମାଜ ନାରୀକୁ ପୁରୁଷ ମାନଙ୍କ ତୁଳନାରେ ନ୍ୟୂନ ମନେକରେ । ସ୍ୱାମୀ ତା ସ୍ତ୍ରୀକୁ ସମ୍ପତ୍ତି ବୋଲି ଭାବେ । ଏହାଦ୍ୱାରା ପୁରୁଷ ତାର ଇଚ୍ଛାକୁ ସ୍ତ୍ରୀ ଉପରେ ଯେ କୌଣସି ଉପାୟରେ ବ୍ୟବହାର କରିଥାଏ, ଏପରିକି ନିର୍ଯ୍ୟାତନା ମଧ୍ୟ ଦେବାକୁ ପଛେଇ ନଥାଏ । ଏ ସବୁ ବାରମ୍ବାର ଘଟୁଥିବା ସତ୍ତ୍ୱେ ଆମେ ସମସ୍ତେ ଦେଖି ଅନୁଭବ କରି ମଧ୍ୟ ପ୍ରତିବାଦ କରି ନଥାଉ । ଆମେ ଏହାକୁ ତାଙ୍କର ଘରୋଇ କଥା ବୋଲି ଚିନ୍ତା କରୁ ।

## କାହା ସହିତ ଏହା ଘଟେ ?

ପାରିବାରିକ ହିଂସା ଯଦିଓ ଉଭୟ ପୁରୁଷ ଓ ନାରୀ ଉପରେ ହୋଇଥାଏ କିନ୍ତୁ ଅଧିକାଂଶ କ୍ଷେତ୍ରରେ ନାରୀମାନେ ଏହାର ଶିକାର ହୋଇଥାନ୍ତି । ଏହା ଆପଣଙ୍କର ମା, ଭଉଣୀ, ସ୍ତ୍ରୀ, କନ୍ୟା, ବନ୍ଧୁ, ସହକର୍ମୀ କିମ୍ବା ପଡ଼ୋଶୀ କାହା ସଙ୍ଗରେ ମଧ୍ୟ ଘଟିପାରେ । ଧନୀ, ଗରିବ, ନିର୍ବିଶେଷରେ ସବୁ ପ୍ରକାର ପରିବାରରେ ପାରିବାରିକ ବିଶୃଙ୍ଖଳା ଦେଖା ଦେଇଥାଏ ।

ନିର୍ଯ୍ୟାତନାକାରୀ ତାର ଅନୈତିକ କାର୍ଯ୍ୟ ପାଇଁ ପୂର୍ଣ୍ଣମାତ୍ରାରେ ଦାୟୀ ଏଥିପାଇଁ ନିର୍ଯ୍ୟାତିତା ମହିଳା କିମ୍ବା କୌଣସି ବ୍ୟକ୍ତି ବିଶେଷ ଦାୟୀ ନୁହଁନ୍ତି ।

## ବିଭିନ୍ନ ପ୍ରକାର ପାରିବାରିକ ହିଂସା:-

ଆମ ସମାଜରେ ଅନେକ ପ୍ରକାରର ପାରିବାରିକ ହିଂସା ଦେଖାଯାଇଥାଏ । ଅଧିକାଂଶ ହିଂସା ଶାରିରୀକ ନୁହେଁ ଏବଂ କଣ ପଡ଼େ ନାହିଁ । ଏହାର ଅର୍ଥ ନୁହେଁ ଯେ ଏସବୁ ହିଂସା କମ୍ କ୍ଷତିକାରକ । କୌଣସି ପ୍ରକାର ପାରିବାରିକ ହିଂସା ଗ୍ରହଣୀୟ ନୁହେଁ ଏବଂ ମହିଳାମାନଙ୍କ ପାଇଁ ଭୀଷଣ କ୍ଷତିକାରକ । ନିମ୍ନରେ କେତେକ ସାର୍ବଜନୀନ ହିଂସା ବିଷୟରେ ଦିଆଯାଇଛି ।

| ଶାରୀରିକ | ମାନସିକ |
|---|---|
| ଠେଲି ଦେବା | ଚିତ୍କାରକରିବା |
| ଧକ୍କା ଦେବା | ଅପଦସ୍ତ କରିବା |
| ଚଟକଣାମାରିବା | ଅପମାନ ଦେବା |
| ଘୋଷାରିବା | ହିଂସା ଧମକ ଦେବା |
| କାମୁଡ଼ିବା | ସମାଲୋଚନାକରିବା |
| ପଦାଘାତକରିବା | ଦୁର୍ବ୍ୟବହାରକରିବା |
| ପୋଡ଼ିଦେବା | ଗାଳି ଦେବା |
| ହାତମୋଡ଼ି ଦେବା | ହଇରାଣକରିବା |
| ଅସ୍ତ୍ରାଘାତକରିବାପିଟିବା | ଅପବାଦ ଦେବା |
| | ସନ୍ତାନଙ୍କୁ ଆଘାତ କରିବାକୁ ଧମକ ଦେବା |
| **ଯୌନଗତ** | ପ୍ରତିକାର୍ଯ୍ୟରେ ପ୍ରଶ୍ନକରିବା |
| ବଳପୂର୍ବକଧର୍ଷଣକରିବା | ରୋଜଗାର ପନ୍ଥା |
| ଧର୍ଷଣକରିବା | ବନ୍ଦ କରିଦେବା |



ଅଶ୍ଳୀଳ ଭାଷାରେ
ଗାଳି ଦେବା
ଯୌନସମ୍ପର୍କ ଦେବା ପାଇଁ
ଧମକ

**ଆର୍ଥିକ**

ଆର୍ଥିକ ଅଧିକାରରୁ
ବଞ୍ଚିତ କରିବା
ରୋଜଗାର ପନ୍ଥା
ବନ୍ଦ କରିଦେବା
ଅନିଚ୍ଛାକୃତ ଦେବା
ବଳପୂର୍ବକ ଯୌନାଙ୍ଗକୁ
ଧରିବା
ପିଡ଼ାଦାୟକ ଯୌନ
ସହବାସ କରିବା

ରୋଜଗାର ଅର୍ଥ ନେଇଯିବା
ମତାମତ ବିନା ଗୃହ
ଅର୍ଥ ଖର୍ଚ୍ଚ କରିବା
ଘରର ଜରୁରୀ ଆବଶ୍ୟକତା
ପୂରଣ ପାଇଁ ଅର୍ଥ ନ ଦେବା
ସମ୍ପତ୍ତି ଅଧିକାରରୁ
ବଞ୍ଚିତ କରିବା
ଅବିଶ୍ୱସ୍ତତା
ଗୁପ୍ତାଙ୍ଗରେ ବାହ୍ୟବସ୍ତୁ
ପ୍ରବେଶ କରାଇବା
ଅବୈଧ ପ୍ରେମ ସମ୍ପର୍କ
ପାଇଁ ବାଧ୍ୟ କରିବା

## ପାରିବାରିକ ହିଂସାର ପ୍ରଭାବରେ ଦେଖାଯାଉଥିବା ନାରୀ ଓ ଶିଶୁମାନଙ୍କଲକ୍ଷଣ :-

ମହିଳା - ପାରିବାରିକ ହିଂସା ପ୍ରଭାବିତ ମହିଳା ମାନଙ୍କ ପାଖରେ ନିମ୍ନଲିଖିତ ସ୍ୱଭାବ ତଥା ବ୍ୟବହାର ପରିଲକ୍ଷିତ ହୁଏ ।

- ଆତ୍ମବିଶ୍ୱାସ ଅଭାବ ।
- ବିଭିନ୍ନ କାର୍ଯ୍ୟ କ୍ରମରେ ଯୋଗଦାନ କମିଯିବା ବା ବନ୍ଦ ହୋଇଯିବା ।
- ବନ୍ଧୁମାନଙ୍କ ସହିତ ମିଳାମିଶା ନ କରିବା ।
- ଶାରୀରିକ କ୍ଷତ ଚିହ୍ନକୁ ଲୁଚାଇ ରଖିବା ।
- ବିଷର୍ଣ୍ଣ ଏବଂ ଶକ୍ତିହୀନତା ।
- ଠିକ୍ ଭାବେ ଭୋକ ଓ ନିଦ ନହେବା । ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ।
- ଅତିମାତ୍ରାରେ ଉତ୍କଣ୍ଠିତ ଏବଂ ଦୁଶ୍ଚିନ୍ତା ଗ୍ରସ୍ତହେବା ।

ପାରିବାରିକ ହିଂସା ହେଉଥିବା ପରିବାରରେ ଶିଶୁମାନେ ହିଂସାର ଶିକାର ହୁଅନ୍ତି କିମ୍ବା ଆଖି ଆଗରେ ଦେଖନ୍ତି ।ଏହା ଦ୍ୱାରା ପିଲାମାନଙ୍କ ଉପରେ କୁପ୍ରଭାବ ପଡ଼ିଥାଏ ଏବଂ ସେମାନଙ୍କ ଠାରେ ସାଧାରଣତଃ ନିମ୍ନ ପ୍ରକାର ସ୍ୱଭାବ ଓ ବ୍ୟବହାର ଲକ୍ଷ୍ୟ କରାଯାଏ ।

- ନିଦ୍ରା ସମସ୍ୟା ତଥା ଦୁଃସ୍ୱପ୍ନ
- [illegible] ସମସ୍ୟା
- ଅହଙ୍କାର ପ୍ରତିଶୟ
- ସାଙ୍ଗ ମାନଙ୍କ ସହିତ ମିଳାମିଶା କମି ଯିବା
- ବିଭିନ୍ନ କାର୍ଯ୍ୟ, ଖେଳ, ତଥା ବନ୍ଧୁମାନଙ୍କ ଠାରୁ ଦୂରେଇ ଯିବା
- ହଠାତ୍ ଉତ୍ତେଜିତ ହେବା
- ଛୋଟ କଥାରେ ଭାଙ୍ଗି ପଡ଼ିବା
- ନିଃସଙ୍ଗତା ଭାବ ଘାରିବା

## ପାରିବାରିକ ହିଂସାର ପରିଣାମ :-

ପାରିବାରିକ ହିଂସା ଆମ ସମସ୍ତଙ୍କ ପାଇଁ କ୍ଷତିକାରକ । ଏତଦ୍ୱାରା ନିର୍ଯ୍ୟାତିତା ସ୍ତ୍ରୀମାନେ ସାମୂହିକ କାର୍ଯ୍ୟରେ ପୂର୍ଣ୍ଣମାତ୍ରାରେ ଅଂଶ ଗ୍ରହଣ କରିପାରନ୍ତି ନାହିଁ । ଫଳସ୍ୱରୂପ ସେମାନେ ସେମାନଙ୍କର ଅନ୍ତର୍ନିହିତ ଶକ୍ତି, ସାମର୍ଥ୍ୟ, ଭାବନା, ସୃଜନଶୀଳତା, ଦକ୍ଷତା, ପ୍ରତିଭା, ତଥା ସୁଚିନ୍ତିତ ମତାମତକୁ ପରିବାର, ଗୋଷ୍ଠୀ, ଧର୍ମାନୁଷ୍ଠାନ ତଥା ରାଜନୀତି କ୍ଷେତ୍ରରେ ସଦୁପଯୋଗ କରିପାରନ୍ତି ନାହିଁ । ଏଭଳି ପରିବେଶରେ ନିର୍ଯ୍ୟାତିତା ମହିଳାମାନେ ସ୍ୱାସ୍ଥ୍ୟ ସମସ୍ୟା ଓ ନିଃସଙ୍ଗତାର ଶିକାର ହୋଇ [illegible] ଓ ଆତ୍ମବିଶ୍ୱାସ ହରାଇଥାନ୍ତି ।

ପାରିବାରିକ ହିଂସା ପରିବାର ମଧ୍ୟରେ ଏକ ଅସ୍ଥିର ଓ ନୈରାଶ୍ୟ ଜନକ ଶଙ୍କାକୁଳ ପରିବେଶ ସୃଷ୍ଟି କରେ । ଏମିତି ପରିବେଶରେ ବଢୁଥିବା ପିଲାମାନେ ସାଧାରଣତଃ ବାପାଙ୍କୁ ବହୁତ ଭୟ କରନ୍ତି ଏବଂ ମା ପାଇଁ ଚିନ୍ତିତ ରହନ୍ତି । ଏହା ତାଙ୍କ ମନରେ ପ୍ରତିକୂଳ ପ୍ରଭାବ ପକାଇଥାଏ ଏବଂ କୁକାର୍ଯ୍ୟରେ ଲିପ୍ତ ରହିବା ପାଇଁ ପ୍ରେରଣ ଯୋଗାଇଥାଏ ।

## ଏହାକୁ ପ୍ରତିରୋଧ କରିବାର କେତୋଟି ଉପାୟ ନିମ୍ନରେ ଦିଆଗଲା:-

ପ୍ରଥମେ ଏହା ବିଷୟରେ ସୂଚନା ଦେବା ଦରକାର । ଆମେ ଏହି ବିଷୟରେ ଅଧିକ ସୂଚନା ଗ୍ରହଣ କରି ସମସ୍ତଙ୍କୁ ଜଣାଇବା ଦରକାର । ଆମେ ସମସ୍ତେ ଯଦି ଏହାର ବିରୋଧ କରିବା ତେବେ ଏହା ଆମ ସମାଜରୁ ସବୁଦିନ ପାଇଁ ନିର୍ମୂଳ ହୋଇଯିବ ।

★ ଯଦି କୌଣସି ନିର୍ଯ୍ୟାତନା ସ୍ତ୍ରୀକୁ ଏହି ହିଂସାର ଶିକାର ହେବାର ଜାଣନ୍ତି, ତେବେ ତାଙ୍କୁ ସାହାଯ୍ୟ କରନ୍ତୁ । ତାଙ୍କୁ ବିଶ୍ୱାସ ଦିଅନ୍ତୁ ଯେ, ଆମେ ସମସ୍ତେ ତାଙ୍କ ସାଥିରେ ଅଛୁ ।

★ ଯଦି କେହି ପୁରୁଷ ଏହିଭଳି ବ୍ୟବହାର ତାଙ୍କ ସ୍ତ୍ରୀଙ୍କୁ ଦେଖା ଯାଉଥିବେ ତେବେ ତାଙ୍କୁ ଠିକ୍ ସମୟ ସୁବିଧା ଦେଖି ବୁଝାଇ ଦିଅନ୍ତୁ ଯେ ପାରିବାରିକ ହିଂସା ପରିବାରରେ ଗ୍ରହଣୀୟ ନୁହେଁ ।

★ ଯଦି କୌଣସି ପରିବାରର ଏଭଳି ହିଂସାର ଚିଛି ଶୁଣ କାହା ପାଖରେ ଦେଖନ୍ତି ତେବେ ତାଙ୍କୁ ଠିକ୍ ସମୟ ସୁବିଧା ଦେଖି ଏ ବିଷୟରେ ପଚାରି ପାରିବେ ।

★ ପାରିବାରିକ ହିଂସା ବିଷୟରେ ପରିବାରରେ, ସାଙ୍ଗ ମେଳରେ, ପଡ଼ୋଶୀ ମାନଙ୍କ ସହିତ ଆଲୋଚନା କରିବା ଏବଂ ଏହାକୁ ରୋକିବା ପାଇଁ ଚେଷ୍ଟା କରିବା ।

★ ପୁଅ ଏବଂ ଅନ୍ୟମାନଙ୍କୁ ବୁଝାଇବା ଯେ ହିଂସା କେବେ ବି ଗ୍ରହଣୀୟ ନୁହେଁ ।

★ ଭାଗବତ ଟୁଙ୍ଗୀ ବା ପୂଜାମଣ୍ଡପ ପରେ ସମସ୍ତ ଗାଁ ଲୋକଙ୍କୁ ଡ଼ାକି ଏ ବିଷୟରେ ଆଲୋଚନା କରିବା ଏବଂ ଏହାକୁ କିପରି ରୋକା ଯାଇ ପାରିବ ସେ ବିଷୟରେ ଚେଷ୍ଟା କରିବା ।

★ ପିଡ଼ିତାଙ୍କୁ ଆବଶ୍ୟକ ସ୍ଥଳେ ଆଇନ୍ ଅନୁଯାୟୀ ନ୍ୟାୟ ପ୍ରଦାନ ପାଇଁ ପ୍ରଚେଷ୍ଟା ।

★ ଆବଶ୍ୟକ ସ୍ଥଳେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣଙ୍କୁ ଆଇନ୍ ସହାୟତା ପାଇଁ ପିଡ଼ିତାଙ୍କୁ ସାହାଯ୍ୟ କରିବା ।

★ ଯେ କୌଣସି ପ୍ରକାର ହିଂସାକୁ ସ୍ଥାନ ଦେବା ନାହିଁ ।

★ ଯେ କୌଣସି ହିଂସା ଠାରୁ ଦୂରେଇ ରହିବା ।

SPWF
New Airport Road, Bhimpur, Bhubaneswar, Odisha